**ବିଦ୍ୟୁତ୍ ଆଘାତରେ ଚାଷୀ ମୃତ**

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା କୁଇଓ ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଚାଷୀ ଅଭିରାମ ଗଡନାୟକଙ୍କ ମୃତ୍ୟୁ ହୋଇଛି। ଅଭିରାମ ବାଇଗଣ ବଗିଚାରେ ପାଣି ମଡାଇବା ପାଇଁ ମୋଟର ଲଗାଉଥିଲେ। ଏହି ସମୟରେ ବିଦ୍ୟୁତ୍ ଆଘାତରେ ପଡ଼ି ଯାଇଥିଲେ। ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ୫୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଜିଲାରୁ ରବିବାର ୫୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୩ ହଜାର ୪୬୯ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୧୧ ଜଣ, କଣିହାଁ ବ୍ଲକରୁ ୭, ଛେଣ୍ଡିପଦା ବ୍ଲକରୁ ୬, କିଶୋରନଗର ବ୍ଲକରୁ ୬, ତାଳଚେର ପୌରାଞ୍ଚଳରୁ ୫, ଅନୁଗୋଳ ପୌରାଞ୍ଚଳରୁ ୪, ତାଳଚେର ବ୍ଲକରୁ ୪, ପାଲଲହଡ଼ା ବ୍ଲକରୁ ୪, ଅନୁଗୋଳ ବ୍ଲକରୁ ୩ ଓ ଆଠମଲ୍ଲିକ ବ୍ଲକରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୮୬ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ବ୍ୟବସାୟୀ ମୃତ

**ତାଳଚେର,୮।୮(ନି.ପ୍ର.):** ତାଳଚେର ସହରସ୍ଥିତ ହୋଟେଲ୍ ସୂର୍ଯ୍ୟା ଗାର୍ଡେନ ସମ୍ମୁଖରେ ରବିବାର ଏକ ଦୁର୍ଘଟଣାରେ ଜଣେ ଲୁଗା ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏମ୍‌ଡି ମୁଦ୍ଦି। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱରରେ ହୋଇଥିବା ବେଳେ ସେ ତାଳଚେର ବିରାଦରପଡ଼ା ଅଞ୍ଚଳରେ ଭଡ଼ା ଘରେ ରହି ବ୍ୟବସାୟ କରୁଥିଲେ। ପୂର୍ବାହ୍ନରେ ବ୍ୟବସାୟୀ ଜଣକ ଏକ ବାଇକ୍ (ନଂ. ଓଡି୦୧ଏଏଲ୍-୧୩୨୨)ରେ ତାଳଚେର ଆଡୁ ବହ୍ଲର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ (ନଂ. ଓଡି ୩୫ଡି-୦୦୭୬) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ତାଳଚେର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ଯୁବକଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ସହର ହାତୀଶାଳପଡ଼ାର ମାୟା ନାଏକଙ୍କ ପୁଅ ଆନନ୍ଦ ନାଏକ(୨୩) ଶନିବାର ବିଳମ୍ବିତ ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଏକ ଶିଶୁକନ୍ୟା ଅଛି। ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

### ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଥାନା ଅଞ୍ଚଳରେ ରବିବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ସମ୍ପୃକ୍ତ ୨ ଜଣ ଆହତ ହୋଇଛନ୍ତି। ଏ ନେଇ ଅନୁଗୋଳ ଥାନାରେ ଉଭୟ ପକ୍ଷ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ କହିଛି, ମାଟିଆସାହିର ତ୍ରିନାଥ ନାଏକ ଓ ସୌଭାଗ୍ୟନଗରର ରାକେଶ କୁମାର ବେହେରାଙ୍କ ମଧ୍ୟରେ କୌଣସି କାରଣରୁ ପୂର୍ବରୁ ଶତ୍ରୁତା ଥିଲା। ରବିବାର ସକାଳେ ଆର୍‌ଏମ୍‌ଏସ୍ ହାଟ ଠାରେ ଦୁହେଁ ହାତାହାତି ହୋଇଥିଲେ। ସନ୍ଧ୍ୟାରେ ପୁଣି ଗଣ୍ଡଗୋଳ ହୋଇଥିଲା।

### ଦୋକାନ ମାଲିକଙ୍କୁ ମାଡ଼

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଥାନା ଅଞ୍ଚଳରେ ଥିବା ଏକ ଦୋକାନରେ କାମ କରୁଥିବା ଜଣେ କର୍ମଚାରୀଙ୍କ ମାଡ଼ରେ ମାଲିକ ସତ୍ୟାନନ୍ଦ ନାଏକ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ସତ୍ୟାନନ୍ଦଙ୍କ ଦୋକାନରେ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ସାହୁଙ୍କ ସହ କୌଣସି କାରଣରୁ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଜିତେନ୍ଦ୍ର ମାଲିକଙ୍କୁ ରବିବାର ଭେଟିବା ପରେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ମାମଲା ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ପ୍ରଦାନ କରିଛି।

### ରୋଷେଇ ଘରୁ ଅଜଗର ଉଦ୍ଧାର

**ବଣ୍ଡା,୮।୮(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ମହାଧରପୁର ଗ୍ରାମର ମନ୍ଦିର ରୋଷେଇ ଘରୁ ରବିବାର ଏକ ଅଜଗର ଉଦ୍ଧାର କରାଯାଇଛି। ରୋଷେଇ ଘରେ ଏକ ସାପ ଥିବା ଜାଣି ସେହି ଅଞ୍ଚଳର ବିଚ୍ଛନ୍ଦ କୁମାର ଲହରା ସାପକୁ ଉଦ୍ଧାର କରିଥିଲେ।



ପରେ ସେ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟକୁ ଯାଇ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ରେଞ୍ଜର ରବିନାରାୟଣ ମହାନ୍ତି ଅଜଗରକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ଅଜଗରର ଲମ୍ବ ୫ ଫୁଟ୍ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ‘କଣ୍ଡି’ କହେ ପାଣିପାଗ କଥା

**ଛେଣ୍ଡିପଦା,୮।୮ (ଅଜିତ ଧଳ)**



ବାଗଡ଼ିଆ ଗ୍ରାମରେ ଥିବା କଣ୍ଡି ପୂଜାସ୍ଥଳ।

- ମାଟିତଳୁ ଚାଷୀଙ୍କୁ ମିଳୁଛି ବର୍ଷା ସମ୍ପର୍କିତ ସୂଚନା
- ଅତୁଟ ବିଶ୍ୱାସ ରଖିଛନ୍ତି ଛେଣ୍ଡିପଦାର ଚାଷୀ
- ୨ଶହ ବର୍ଷ ହେଲା ପରମ୍ପରା ଦେଇଛି ପ୍ରମାଣ

ପାଣିପାଗ ସହ ଚାଷ ଓ ଚାଷୀଙ୍କ ଭାଗ୍ୟ ବନ୍ଧା। ଅନୁକୂଳ ପାଗ ସୂଚନା ଚାଷୀଙ୍କୁ କର୍ମଚଞ୍ଚଳ କରିଦିଏ। ପ୍ରତିକୂଳର ସାମାନ୍ୟ ଆଶଙ୍କା ମଧ୍ୟ ଚିନ୍ତାରେ ପକାଇଦିଏ। ପ୍ରତିବର୍ଷ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମ୍‌ଡି)ର ଏ ସମ୍ପର୍କିତ ଘୋଷଣାକୁ ଚାଷୀମାନେ ଚାହିଁ ବସିଥାନ୍ତି। ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅଞ୍ଚଳର ଅନେକ ଚାଷୀ ଏଥିପାଇଁ ଆଇଏମ୍‌ଡିକୁ ଅପେକ୍ଷା କରି ନ ଥାନ୍ତି। ସେମାନେ ନିଜ ପରମ୍ପରାକୁ ଗୁରୁତ୍ୱ ଦେଇ ମାଟି ତଳୁ କଣ୍ଡି (ପୋତାଯାଇଥିବା ଛୋଟ କଳସି) ବାହାର କରି ବର୍ଷା ସମ୍ପର୍କିତ ନିର୍ଭୁଲ୍ ସୂଚନା ପାଉଥିବା ବିଶ୍ୱାସ କରନ୍ତି। ଦୀର୍ଘ ୨ଶହ ବର୍ଷ ହେଲା ଏହି କଣ୍ଡି ଦିଅଁଙ୍କ ସୂଚନା ଆଧାରରେ ହିଁ ଏଠାକାର ଚାଷୀମାନେ ଚାଷ କାର୍ଯ୍ୟ କରି ଆସୁଥିବା ଜଣାପଡ଼ିଛି।

ବାଗଡ଼ିଆ ଗ୍ରାମର ଚାଷୀମାନଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ ଶ୍ରାବଣ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ସେମାନେ ବୁଢାଡିପ ସାହିର ଉତ୍ତର ଦିଗରେ ଥିବା ଏକ ବିଶାଳ ଆଙ୍କୁଲ, ଅଶ୍ୱତ୍ଥ ଓ ବାଉଁଶ ବଣ ମଧ୍ୟରେ କଣ୍ଡି ପୂଜା କରିଥାନ୍ତି। କନ୍ଧ ସମ୍ପ୍ରଦାୟର ଜଣେ ବ୍ୟକ୍ତି ଦେହୁରୀ (ପୂଜକ) ହୋଇଥାନ୍ତି। ଏକ କଣ୍ଡିରେ ଘିଅ, ମହୁ ଓ ଗୁଡ଼ ଭର୍ତ୍ତି ସହ ଢାଙ୍କୁଣି ଦେଇ ମାଟି ତଳେ ପୋତି ଦେଇଥାନ୍ତି। ଏଥିସହ ପୂର୍ବବର୍ଷ ପୋତାଯାଇଥିବା କଣ୍ଡିକୁ ଏକ କାଠ ଶୁଳିଆ ବା ଶାବଳ ମାଧ୍ୟମରେ ବାହାର କରି ଖୋଲି ଦେଖିଥାନ୍ତି। କଣ୍ଡିରେ ପାଣି ଭର୍ତ୍ତିଥିଲେ ଚଳିତବର୍ଷ ପ୍ରବଳ ବର୍ଷା ହେବ ବୋଲି ବିଶ୍ୱାସ କରାଯାଏ। ବାଲି ଭରି ରହିଥିଲେ କେବଳ ଖାଲୁଆ ଜମିରେ ଭଲ ଚାଷ, ଅଳ୍ପ କାଦୁଅ ଥିଲେ ଅଧା ଜମିରେ ଚାଷ ନଷ୍ଟ, ଶୁଖିଲା ବାଲି ଧୂଳି ଥିଲେ ମରୁଡି ଓ କଣ୍ଡି ଭିତରେ ଚେର ବାହାରିଥିଲେ ଗଜା ମରୁଡି, ପୋକ ଥିଲେ ଧାନ ଗଛରେ ରୋଗ ପୋକ ଲାଗିବା ଏବଂ ଖାଲି ଘିଅ ଥିଲେ ଡେରିରେ ବର୍ଷା ସହ ଚାଷ କାର୍ଯ୍ୟ ବିଳମ୍ବ ହେବ ବୋଲି ଚାଷୀମାନେ ଧରିନେଇଥାନ୍ତି। ପୂଜା ସ୍ଥଳ ବା ଉକ୍ତ ବଣ ଭିତରକୁ ଅନିଷ୍ଟ ହେବା ଭୟରେ କେହି ଯାଆନ୍ତି ନାହିଁ। ବ୍ଲକର ବିଭିନ୍ନ ଗାଁ ସହ ପଡ଼ୋଶୀ ରେଢାଖୋଲ, ନାକଟିଦେଉଳ ଅଞ୍ଚଳର ଚାଷୀମାନେ ଏପରି ଭାବେ ପାଣିପାଗ ସୂଚନା ପାଇଥାନ୍ତି। କେତେକ ଗ୍ରାମରେ ଏହି ପୂଜାକୁ କାଦୁଆଳି ପୂଜା ବୋଲି ମଧ୍ୟ କୁହାଯାଇଥାଏ। ଚଳିତବର୍ଷ କଣ୍ଡିରେ ଖାଲି ଘିଅ ବାହାରିଛି। ତେଣୁ ଅଞ୍ଚଳରେ ବର୍ଷା ଓ ଚାଷ କାର୍ଯ୍ୟ ବିଳମ୍ବିତ ହେବ ବୋଲି ବିଶ୍ୱାସ କରାଯାଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

**ପିଢି ପରେ ପିଢ଼ି ସେବା କରୁଛୁ**



“ଚାଷ ପାଇଁ ପାଣିପାଗ କିପରି ରହିଛି, ତାହା ଜାଣିବା ନିମନ୍ତେ କଣ୍ଡି ପୂଜା କରାଯାଉଛି। ପୂର୍ବପୁରୁଷରୁ ଏହି ପରମ୍ପରା ଓ ବିଶ୍ୱାସ ଚାଷୀମାନଙ୍କ ମଧ୍ୟରେ ରହିଆସିଛି। ଦେହୁରୀ ଭାବେ ପିଢ଼ି ପରେ ପିଢ଼ି କଣ୍ଡି ଦିଅଁଙ୍କ ସେବା କରିଆସୁଛୁ। ପୂର୍ବରୁ ଯେପରି ବିଶ୍ୱାସ ଥିଲା, ଆଜି ବି ରହିଛି।

-କ୍ଷୀରୋଦ ଦେହୁରୀ, ବାଗଡ଼ିଆ

**ସମ୍ପର୍କୀୟଙ୍କୁ ପଚାରି ବୁଝିଥାଉ**



“ସରକାରୀ ସ୍ତରରେ ମିଳୁଥିବା ପାଣିପାଗ ସମ୍ପର୍କିତ ତଥ୍ୟ ଅନେକ ସମୟରେ ଚାଷୀଙ୍କୁ ହରଡଘଣାରେ ପକାଇଥାଏ। କିନ୍ତୁ କଣ୍ଡିରୁ ମିଳୁଥିବା ସୂଚନା ଭୁଲ୍ ହୋଇ ନ ଥାଏ। ପ୍ରତିବର୍ଷ ଶ୍ରାବଣ ଆସିଲେ ବର୍ଷା କିପରି ରହିବ ସେ ସମ୍ପର୍କରେ ବାଗଡ଼ିଆ ଗ୍ରାମରେ ଥିବା ସମ୍ପର୍କୀୟଙ୍କୁ ପଚାରି ବୁଝିଥାଉ।

-ସୁବାସ ମାଝି, ଚାଷୀ, କଣଲୋଇ

**ପ୍ରଗାଢ଼ ବିଶ୍ୱାସ ରହିଛି**



“୨ଶହ ବର୍ଷ ହେଲା କଣ୍ଡି ପୂଜା କରି ଚାଷୀମାନେ ପାଣିପାଗ ସମ୍ପର୍କିତ ସବିଶେଷ ତଥ୍ୟ ପାଇପାରୁଛନ୍ତି। ନିର୍ଭୁଲ୍ ସୂଚନା ମିଳୁଥିବାରୁ କଣ୍ଡି ପ୍ରତି ଚାଷୀମାନଙ୍କ ପ୍ରଗାଢ଼ ବିଶ୍ୱାସ ରହିଛି। ବିଜ୍ଞାନ ଯୁଗରେ ଏହି ପରମ୍ପରା ଓ ଲୋକ ବିଶ୍ୱାସ ଅତୁଟ ରହିପାରିଛି।

-ରମେଶ ତ୍ରିପାଠୀ, ବାଗଡିଆ

**ଚଳିତ ବର୍ଷ ବିଳମ୍ବିତ ବର୍ଷା**



“ଆଷାଢ଼ ଯାଇ ଶ୍ରାବଣ ହେଲାଣି ହେଲେ ଚାଷ ପାଇଁ ବିଲରେ ପାଣି ନାହିଁ। ଚଳିତବର୍ଷ କଣ୍ଡିରୁ ଖାଲି ଘିଅ ବାହାରିଛି। ତେଣୁ ବର୍ଷା ବିଳମ୍ବିତ ହେବ ବୋଲି ଚାଷୀମାନେ ଆଗୁଆ ସୂଚନା ପାଇସାରିଛନ୍ତି। ତେଣୁ ବର୍ଷାକୁ ଅପେକ୍ଷା ନ କରି ନାଳି ଜମିଗୁଡ଼ିକରେ ଚାଷ ଆରମ୍ଭ ହୋଇଛି।

-ଦୁଷ୍ମନ୍ତ ବେହେରା, ବାଗଡ଼ିଆ

# ଡ୍ୟାମ୍ କେନାଲରେ ବୁଡ଼ି ଯୁବକ ମୃତ



ସେଲ୍‌ଫି ନେବା ହେଲା କାଳ

ଅଗ୍ନିଶମ କର୍ମଚାରୀମାନେ ଯୁବକଙ୍କୁ ପାଣିରୁ ଉଦ୍ଧାର କରୁଛନ୍ତି।

**ଅନୁଗୋଳ ଅଫିସ, ୮।୮**

ଅନୁଗୋଳସ୍ଥିତ ଡେରଜାଙ୍ଗ ଡ୍ୟାମ୍ ମୁଖ୍ୟ କେନାଲରେ ବୁଡ଼ିଯାଇ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଉତ୍ତରପ୍ରଦେଶ ରାଜ୍ୟ ଗୋରଖପୁର ଅଞ୍ଚଳର ଅବିନାଶ ତ୍ରିପାଠୀ(୨୫)। ସେ ଅନୁଗୋଳ ସହରରେ ନିର୍ମାଣ ହେଉଥିବା ହାଉସିଂ ବୋର୍ଡ ଆପାର୍ଟମେଣ୍ଟରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସାଙ୍ଗମାନଙ୍କ ସହ ଗାଧୋଇବା ପରେ ସେ ସେଲ୍‌ଫି ନେଉଥିଲେ। ଏହି ସମୟରେ ସେ ପାଣିରେ ବୁଡ଼ିଯାଇଥିବା କୁହାଯାଉଛି।

ରବିବାର ଛୁଟି ଦିନରେ ଡ୍ୟାମ୍ ମୁଖ୍ୟ କେନାଲରେ ଗାଧୋଇବା ପାଇଁ ଅବିନାଶ ସାଙ୍ଗମାନଙ୍କ ସହ ଯାଇଥିଲେ। ପ୍ରଥମେ ୩ ଜଣ ସାଙ୍ଗଙ୍କ ସହ ଗାଧୋଇଥିଲେ। ପରେ ଆଉ ୩ ଜଣ ସେଠାରେ ପହଞ୍ଚିଥିଲେ। ସମସ୍ତେ ଗାଧୋଇବା ପରେ ଫଟୋ ଉଠାଉଥିଲେ। ହେଲେ ଅସାବଧାନତା କାରଣରୁ ଗୋଡ଼ ଖସିଯିବାରୁ ଅବିନାଶ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅବିନାଶଙ୍କ ସାଙ୍ଗମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ସୂଚନା ମିଳିଛି।

# ଲୋକଙ୍କ ସମସ୍ୟା ବୁଝିବାକୁ ପରାମର୍ଶ

**ଆଠମଲ୍ଲିକ,୮।୮(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକର ମାଧପୁର, କନ୍ଧପଡ଼ା, ବାସୁଦେବପୁର, ଟୁସର, କାଦପଡା ଆଦି ପଞ୍ଚାୟତରେ ମାରାଥନ ସମ୍ମିଳନୀ ହୋଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନେ ଏକଜୁଟ୍ ହୋଇ ଲୋକଙ୍କ ସମସ୍ୟା ବୁଝିବାକୁ ପରାମର୍ଶ ଦେଇଥିଲେ। ଏପରି କର୍ମୀ ସମ୍ମିଳନୀରେ ବିଜେଡି କର୍ମୀ ଓ ପଞ୍ଚାୟତସ୍ତରୀୟ ନେତାମାନେ ଉପସ୍ଥିତ ଥିଲେ। ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ବୁନୁ ରଥ, ଅକ୍ଷୟ ପ୍ରଧାନ, ଦିଗମ୍ବର ପ୍ରଧାନ, ଉପେନ୍ଦ୍ର ପ୍ରଧାନ, ଦିଲୀପ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସାଏ ମାଧପୁର ଡାକ୍ତରଖାନାରେ ନିର୍ମାଣ ହେବାକୁ ଥିବା ଗୃହର ଭୂମିପୂଜା କରିଥିଲେ।

# ହାରିଗଲେ ହରପ୍ରିୟା

**ଅନୁଗୋଳ ଅଫିସ, ୮।୮**

- ପୋଡ଼ି ଦେଇଥିଲେ ଶ୍ୱଶୁର
- ୧୦ ଦିନର ଚିକିତ୍ସା ପରେ ମୃତ୍ୟୁ



ଦୀର୍ଘ ୧୦ ଦିନ ଧରି ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ହରପ୍ରିୟା ନାୟକ(୩୫) ଶେଷରେ ରବିବାର ହାରିଯାଇଛନ୍ତି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ୱାମୀ ଶିବନାରାୟଣ ନାୟକ ଅନୁଗୋଳ ପୋଲିସକୁ ଅବଗତ କରିଛନ୍ତି। ହରପ୍ରିୟାଙ୍କୁ ପୋଡ଼ି ଦେଇଥିବା ନେଇ ଶ୍ୱଶୁରଙ୍କ ନାମରେ ପୂର୍ବରୁ ଅନୁଗୋଳ ଥାନାରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବା ବେଳେ ଏବେ ତାହା ହତ୍ୟା ମାମଲାରେ ପରିଣତ ହେବ ବୋଲି ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ହେମସୁରପଡ଼ା ଅଞ୍ଚଳର ହରପ୍ରିୟା ଠାକୁରପୂଜା କରୁଥିବା ବେଳେ ତାଙ୍କ ଶ୍ୱଶୁର ଶଙ୍କର ନାୟକ(୮୧) ପଛପଟୁ କିରୋସିନ ଢାଳି ପୋଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ପଠାଇ ଦିଆଯାଇଥିଲା। ତେବେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ହରପ୍ରିୟାଙ୍କ ବାପା ୨୯ ତାରିଖରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୭୬/୨୧ରେ ମାମଲା ରୁଜୁ କରି ଶ୍ୱଶୁର ଶଙ୍କର ନାୟକଙ୍କୁ ଗିରଫ କରିଥିଲା।

### ଦୁର୍ଘଟଣାରେ ୩ ଗୁରୁତର

**ଛେଣ୍ଡିପଦା,୮।୮(ସ୍ୱ.ପ୍ର.)**

ଅନୁଗୋଳ–ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ଜଙ୍ଗଲ ସିଆରିମାଳିଆଠାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଝାରସୁଗୁଡା ଜିଲା ବେହେରାମାଲ ଗ୍ରାମର ଛତିଶ ଚନ୍ଦ୍ର ନାଏକ ତାଙ୍କ ସ୍ତ୍ରୀ ମିନାକ୍ଷୀ ସିଂ, ବଡ଼ ଝିଅ ସଞ୍ଜୀବନୀ ଓ ସାନ ଝିଅ ତେଜସ୍ୱିନୀ ଏକ କାର୍ ନଂ (ନଂ. ଓଆର୍୨୩ଇ–୦୮୦୮) ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ କାରଟି ଭାରସାମ୍ୟ ହରାଇ ସିଆରିମାଳିଆ ନିକଟରେ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଗାଡ଼ି ଭିତରେ ଥିବା ୩ଜଣ ଗୁରୁତର ହୋଇଥିବାବେଳେ ଜଣେ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଗୁରୁତରମାନଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

# ଜିଲା ପ୍ରଶାସନ ହାତରେ ହକି ଷ୍ଟିକ୍

## ହକି ଦଳକୁ ଅଭିନବ ଢଙ୍ଗରେ ଶୁଭେଚ୍ଛା




ଜିଲା କାର୍ଯ୍ୟାଳୟରେ ହକି ଫ୍ରେମ୍ ଲଗାଯାଇଥିବା ବେଳେ ଜିଲାପାଳ ହକି ଖେଳୁଛନ୍ତି।

**ଅନୁଗୋଳ ଅଫିସ, ୮।୮**

ଟୋକିଓ ଅଲିମ୍ପିକ୍ସରେ ଭାରତ ଇତିହାସ ରଚିଛି। ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳ ବ୍ରୋଞ୍ଜ ପଦକ ଜିତି ପୂର୍ବ ଗୌରବ ଫେରି ପାଇଛି। ମହିଳା ଦଳ ସେମିଫାଇନାଲ ଯାଏ ଯାଇ ସମସ୍ତଙ୍କ ହୃଦୟ ଜିଣିଛି। ଏଥିପାଇଁ ଉଭୟ ଦଳକୁ ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଶୁଭେଚ୍ଛା ଦୌଡ଼ରେ ସାମିଲ ହୋଇ ଅନୁଗୋଳ ଜିଲା ପ୍ରଶାସନ ଅଭିନବ ଉପାୟରେ ଅଭିନନ୍ଦନ ଜଣାଇଛି। ଦୁଇ ଦଳର ଖେଳାଳିଙ୍କ ଫଟୋକୁ ନେଇ ଏକ ଫ୍ରେମ୍ ପ୍ରସ୍ତୁତ କରାଯିବା ସହ ଜିଲା କାର୍ଯ୍ୟାଳୟ ଓ ପୌର କାର୍ଯ୍ୟାଳୟ ପରିସରରେ ଲଗାଯାଇଛି। ଏଥିସହ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ, ପିଡି ଦିଲୀପ ସାହୁ, ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ହକିଷ୍ଟିକ୍ ଧରି କିଛି ସମୟ ପାଇଁ କାର୍ଯ୍ୟାଳୟ ପରିସରରେ ହକି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଇସାନି ପଣ୍ଡା, ମନୀଷା ଗୁପ୍ତା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଉକ୍ତ ଫଟୋ ଫ୍ରେମ୍ ଭିତରେ ଛିଡ଼ା ହୋଇ ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି।

# ବ୍ଲକ କାର୍ଯ୍ୟକାରିଣୀ ପାଇଁ ପ୍ରସ୍ତୁତି

**ପାଲଲହଡ଼ା,୮।୮(ଡି.ଏନ.ଏ.)**

ଆସନ୍ତା ୧୧ ତାରିଖରେ ପାଲଲହଡ଼ା ବ୍ଲକ ବିଜେଡି ତରଫରୁ ପରିବର୍ଦ୍ଧିତ ବ୍ଲକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏ ନେଇ ରବିବାର ବ୍ଲକ ସଭାପତି ଗଙ୍ଗାଧର ଜିତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଅନୁସାରେ ପ୍ରତ୍ୟେକ ଜିଲା କାର୍ଯ୍ୟକାରିଣୀ ଏବଂ ବ୍ଲକ କାର୍ଯ୍ୟକାରିଣୀ ବୈଠକ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଶନିବାର ଅନୁଗୋଳ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୧୧ରେ ପାଲଲହଡ଼ା ବ୍ଲକ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକାରିଣୀରେ ଜିଲାର ସମସ୍ତ ପାଞ୍ଚ ଜଣ ବିଧାୟକଙ୍କ ସମେତ ଏମ୍‌ପି, ଜିଲା ପର୍ଯ୍ୟବେକ୍ଷକ, ଜିଲା ପଦାଧିକାରୀ, ସମସ୍ତ ବ୍ଲକସ୍ତରୀୟ ପଦାଧିକାରୀ ଯୋଗଦାନ କରିବାର ନିଷ୍ପତ୍ତି ହୋଇଛି। ପାଲଲହଡ଼ା ବିଧାୟକ ମୁକେଶ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ନିଜିଗଡ଼ ସମିତିସଭ୍ୟ ଦିଲୀପ କୁମାର ଉଦାବଳ, ନରେନ୍ଦ୍ର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ କରୋନା କଟକଣା ଉଲ୍ଲଂଘନ ହୋଇଥିବା ଦେଖାଯାଇଥିଲା।



ବୈଠକରେ ବିଧାୟକଙ୍କ ସମେତ କର୍ମକର୍ତ୍ତାମାନେ।

# ୧୫ରୁ ଅନଶନରେ ବସିବାକୁ ନିଷ୍ପତ୍ତି

**ତାଳଚେର,୮।୮(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେର ଠାରେ ନିର୍ମିତ ମହାନଦୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟରକୁ ତୁରନ୍ତ ସରକାର ପରିଚାଳନା କରିବା ସହ ନାମଲେଖା ଆରମ୍ଭ କରିବା ଦାବି ନେଇ

## ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବି

ଆସନ୍ତା ୧୫ ତାରିଖରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜକିଶୋର ସାହୁ ଆମରଣ ଅନଶନରେ ବସିବେ। ସାହୁଙ୍କ ତତ୍ତ୍ୱାବଧାନରେ ରବିବାର ହାଣ୍ଡିଧୂଆସ୍ଥିତ ଡାକବଙ୍ଗଳା ଠାରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି।

ପ୍ରକାଶ ଯେ, ୨୦୦୯ ମସିହାରେ କେନ୍ଦ୍ରରେ ଥିବା ୟୁପିଏ ସରକାର ତାଳଚେର ଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। ୨୦୧୪ରେ ଘଣ୍ଟପଡ଼ା ଗ୍ରାମବାସୀଙ୍କ ସହଯୋଗ କ୍ରମେ ଓ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ମେଡିକାଲ କଲେଜ ପାଇଁ ପରିବେଶ ମଞ୍ଜୁରୀ ମିଳିଥିଲା।



ବୈଠକରେ ତାଳଚେର ମେଡିକାଲ କଲେଜ ସମ୍ପର୍କିତ ଆଲୋଚନା ଚାଲିଛି।

୨୦୧୫ ମସିହାରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର କୋଇଲାମନ୍ତ୍ରୀ ମେଡିକାଲ କଲେଜର ଶିଳାନ୍ୟାସ କରିଥିଲେ। ୨୦୧୭ରେ ନିର୍ମାଣ କାର୍ଯ୍ୟ ଶେଷ ପରେ ଓଡ଼ିଶା ସରକାର ୨୦୧୯ରେ ମେଡିକାଲ କଲେଜରେ ନାମ ଲେଖା ଆରମ୍ଭ ହେବ ବୋଲି ଘୋଷଣା କରିଥିଲେ। ୨୦୨୦ ମସିହାରେ ଏମ୍‌ସିଏଲ୍ ସିଏମ୍‌ଡି କହିଥିଲେ, ୨୦୨୧ରୁ ଏଠାରେ ନାମଲେଖା ଆରମ୍ଭ ହେବା ସହ ଲୋକଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯିବ। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଏ ପର୍ଯ୍ୟନ୍ତ ସେ ନେଇ ପଦକ୍ଷେପ ନିଆଯାଉ ନାହିଁ। ମେଡିକାଲ କଲେଜରେ ନାମଲେଖା ଓ ସ୍ୱାସ୍ଥ୍ୟସେବା କେବେଠାରୁ ଆରମ୍ଭ ହେବ ତାହା ସରକାର ସ୍ପଷ୍ଟ କରିବା ଆବଶ୍ୟକ ବୋଲି ବୈଠକରେ ସାହୁ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡ଼ନାୟକ, ଆଇନଜୀବୀ ଗୀତିମୟ ରଥ, ପୂର୍ବତନ କାଉନସିଲର ପୁଷ୍ପକ ସ୍ୱାଇଁ, ସାମାଜିକ କର୍ମୀ ରଞ୍ଜିତ ମହାପାତ୍ର, ପ୍ରଗତି ସମ୍ପାଦକ ପ୍ରଭାତ କୁମାର ରଥ, ପଦ୍ମନାଭ ସାମଲ, ଯୁବକ ସଂଘ ସଭାପତି ଧୀରେନ୍ଦ୍ର ଦାସ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଜିନେସ ସାହୁ, ଯୁବ ନେତା ଗଣପତି ସାହୁ, ବିମଳ ବେହେରା, ପ୍ରହଲାଦ ବେହେରା, ବିଶ୍ୱ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସାର ନ ପାଇ ଚାଷୀ ହନ୍ତସନ୍ତ

**ଖମାର,୮।୮(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳରେ ଚାଷ ପାଇଁ ଆବଶ୍ୟକ ସାର ଚାଷୀଙ୍କୁ ମିଳୁନି। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସରକାରୀ ନିର୍ଦ୍ଧାରିତ ଦର ଠାରୁ ଚଢ଼ା ମୂଲ୍ୟରେ ସାର ବିକ୍ରି କରାଯାଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଚାଷୀମାନେ କହିଛନ୍ତି, ସରକାରଙ୍କ ପକ୍ଷରୁ ୟୁରିଆ ଦର ବସ୍ତାପିଛା ୨୬୬.୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ଗ୍ରୋମର ୧୩୦୦ ଟଙ୍କା, ଡିଏପି ୧୨୦୦ ଟଙ୍କା ଦର ନିର୍ଦ୍ଧାରିତ କରାଯାଇଥିବା ବେଳେ ଖମାର ବଜାର ଓ ଆଖ ପାଖ ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନ ମଧ୍ୟରୁ କେତୋଟିରେ ଅଧିକ ମୂଲ୍ୟ ନିଆଯାଉଛି। ଏଠାରେ ୟୁରିଆ ୬୦୦ରୁ ୭୦୦ ଟଙ୍କା, ଡିଏପି ୧୩୦୦ରୁ ୧୪୦୦, ଗ୍ରୋମର ୧୫୫୦ରୁ ୧୬୦୦ ଟଙ୍କାରେ ବିକ୍ରି ହେଉଛି। ଏହାର ପ୍ରତିକାର କରା ନ ଗଲେ ଚାଷୀମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଉପଜିଲାପାଳ ଅଜିତ କୁମାର ପ୍ରଧାନ କହିଛନ୍ତି, ସରକାର ସ୍ଥିର କରିଥିବା ଦର ଠାରୁ ଅଧିକ ମୂଲ୍ୟରେ ସ୍ୱୀକୃତିପ୍ରାପ୍ତ ଦୋକାନଗୁଡ଼ିକ ସାର ବିକ୍ରି କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ବ୍ଲେଡ୍‌ରେ ତଣ୍ଟିକାଟି ଆତ୍ମହତ୍ୟା ଉଦ୍ୟମ

**କାମାକ୍ଷାନଗର, ୮।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ମହିମାନଗର ସାହିର ସଞ୍ଜୟ ନାଏକ ରବିବାର ସକାଳେ ବ୍ଲେଡ୍‌ରେ ତଣ୍ଟିକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। କାମାକ୍ଷାନଗର କଲେଜ ନିକଟରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବାବେଳେ କେତେଜଣ ସ୍ଥାନୀୟ ବାସିନ୍ଦା ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କେଉଁ କାରଣରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି, ତାହା ଅସ୍ପଷ୍ଟ ରହିଛି। ତେବେ ପାରିବାରିକ ବିବାଦରୁ ମାନସିକ ଭାରସାମ୍ୟ ହରାଇ ସେ ଏଭଳି କରିଥିବା ଚର୍ଚ୍ଚା ହେଉଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୨୯ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୮।୮:** ଢେଙ୍କାନାଳ ଜିଲାରୁ ରବିବାର ୨୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪୫ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୬, ପରଜଙ୍ଗ ବ୍ଲକର ୭, ହିନ୍ଦୋଳ ବ୍ଲକର ୫ ଓ ଏନ୍‌ଏସିର ୧, କାମାକ୍ଷାନଗର ବ୍ଲକର ୪ ଓ ଏନ୍‌ଏସିର ୩, ଓଡ଼ାପଡ଼ା ବ୍ଲକର ୨, ସଦର ବ୍ଲକର ଜଣେ ରହିଛନ୍ତି। ଜିଲାରେ ମୋଟ ସକ୍ରିୟ ମାମଲା ୨୧୭କୁ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାରେ ସଂକ୍ରମଣ କମିବାରେ ଲାଗିଛି। କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ସ୍ଥିର ରହିଛି। ଜିଲାବାସୀ କୋଭିଡ୍ ନିୟମାବଳୀ ପାଳନ କଲେ ଜିଲା ଖୁବ୍‌ଶୀଘ୍ର କରୋନା ମୁକ୍ତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ପଞ୍ଚାୟତ ଭବନ, ମିଶନଶକ୍ତି ଗୃହ ଉଦ୍‌ଘାଟିତ

**କାମାକ୍ଷାନଗର, ୮।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତରେ ରବିବାର ପଞ୍ଚାୟତ ଭବନ ଏବଂ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ଶର୍ମିଳା ନାୟକ ଫିତାକାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ପଞ୍ଚାୟତ ଭବନ ଦ୍ୱାରା ଅଞ୍ଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ରାୟନ୍ନସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା, ଯୁବନେତା ମଦନ ବେହେରା, ଯୋଗେଶ୍ୱର ନାୟକ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରୀତିସାଗର ନାୟକ, ଯନ୍ତ୍ରୀ ରଶ୍ମିତା ମଞ୍ଜରୀ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଅନୁଗୋଳ ପୌରାଣିକ ପରିଷଦର ବୈଠକ

**ବଣ୍ଠପାଳ,୮।୮(ଡି.ଏନ.ଏ.):** ଅନୁଗୋଳ ପୌରାଣିକ ପରିଷଦର ୩ୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଙ୍ଗଠନିକ ସମ୍ପାଦକ ବାମଦେବ ସେଠଙ୍କ ଆବାହାନକ୍ରମେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଳାସଂସ୍କୃତିର ବିକାଶ, ପୌରାଣିକ କାହାଣୀ କିଭଳି ବିଶ୍ୱସ୍ତରରେ ଲୋକାଭିମୁଖୀ ହେବ ସେ ଉପରେ ଆଲୋଚନା ହୋଇଥିଲା। ଦଣ୍ଡ, ପାଲା, ଦାସକାଠିଆ, ନାମ ସଂକୀର୍ତ୍ତନ ଭଳି ଲୋକକଳାର ଅଧିକରୁ ଅଧିକ ପ୍ରଚାର ପ୍ରସାର କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ମାନସ ରଞ୍ଜନ ଭୁକ୍ତା, ମାନସ ରଞ୍ଜନ କର, ମିହିର ନାୟକ, ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ଡିଜେଲ ଜବତ ଘଟଣା
### ଡ୍ରାଇଭର ସମେତ ୩ ଅଭିଯୁକ୍ତ ଗିରଫ

**ଆଠମଲ୍ଲିକ,୮।୮(ଡି.ଏନ.ଏ.):** ଆଠମଲ୍ଲିକ ଥାନା ଗଦାଧରପୁର ଗ୍ରାମରୁ ପୋଲିସ ଶନିବାର ଏକ ଡିଜେଲ ଟ୍ୟାଙ୍କର ଜବତ କରିଥିଲା। ଏହି ଘଟଣାରେ ରବିବାର ଟ୍ୟାଙ୍କର ଡ୍ରାଇଭରଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଡ୍ରାଇଭରଙ୍କ ନାମ ଚୁନା ରାମ। ଅନ୍ୟ ଦୁଇଜଣ ହେଲେ ଗଦାଧରପୁର ଗ୍ରାମର ମନମୋହନ ପ୍ରଧାନ (୪୬) ଓ ମାଧପୁରର ପ୍ରସନ୍ନ ଆଚାର୍ଯ୍ୟ (୪୬)। ପୋଲିସ ଟ୍ୟାଙ୍କରରୁ ସମୁଦାୟ ୧୭,୫୦୦ ଲିଟର, ମନମୋହନଠାରୁ ୪୯୦ ଲିଟର ଓ ପ୍ରସନ୍ନଙ୍କ ଠାରୁ ୨,୯୩୪ ଲିଟର ଅପମିଶ୍ରିତ ଡିଜେଲ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୨୬/୨୧ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ଆଇଆଇସି ନିରୋଦ କୁମାର ଦାସ ସୂଚନା ଦେଇଛନ୍ତି।

# ଟାଟାଷ୍ଟିଲ ବିଏସ୍‌ଏଲ୍‌ରେ ୟୁଭି ଅକ୍ସିଡେଶନ ପ୍ଲାଣ୍ଟ

- ଇସ୍ପାତ ଉଦ୍ୟୋଗ କ୍ଷେତ୍ରରେ ବିଶ୍ୱରେ ପ୍ରଥମ
- ସିଆନାଏଡ୍ ପରିଚାଳନାରେ ସହାୟକ ହେବ

**ଢେଙ୍କାନାଳ ଅଫିସ, ୮।୮**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ୍‌ରେ କୋକ୍ ଓଭେନ ବର୍ଜ୍ୟଜଳ ପରିଚାଳନା ପାଇଁ ବିଶ୍ୱର ପ୍ରଥମ ୟୁଭି ଅକ୍ସିଡେଶନ ପ୍ଲାଣ୍ଟ ସ୍ଥାପିତ ହୋଇଛି। ଇସ୍ପାତ ଉଦ୍ୟୋଗ କ୍ଷେତ୍ରରେ ବିଶ୍ୱରେ ଏହା ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ପରିବେଶ ଉତ୍କର୍ଷ ହାସଲ କରିବା ଲକ୍ଷ୍ୟରେ କୋକ୍ ଓଭେନ ବର୍ଜ୍ୟଜଳରେ ସିଆନାଏଡ୍ ଉପଚାର ଲାଗି ଅତ୍ୟାଧୁନିକ ଅଲଟ୍ରା ଭାଓଲେଟ (ୟୁଭି) ଅକ୍ସିଡେଶନ ଟେକ୍ନୋଲୋଜିକୁ କମ୍ପାନୀ ଆପଣାଇଛି। ଟାଟାଷ୍ଟିଲ୍ ଗବେଷଣା ବିକାଶ ଦଳର ସହାୟତାରେ ସ୍ଥାପିତ ଏହି ପ୍ଲାଣ୍ଟ ମାଧ୍ୟମରେ ଘଣ୍ଟା ପ୍ରତି ୮୦ କ୍ୟୁବିକ୍ ମିଟର ବର୍ଜ୍ୟଜଳର ଉପଚାର କରାଯାଇପାରିବ। ଟାଟାଷ୍ଟିଲ୍‌ର ଗବେଷଣା ଦଳ, ଟାଟାଷ୍ଟିଲ ବିଏସ୍‌ଏଲ୍‌ର ପରିବେଶ ଓ କୋକ୍ ଓଭେନ ଦ୍ୱାରା ମିଳିତ ଭାବେ ଏହାର ବିକଶିତ କରାଯାଇଛି। ସିଆନାଏଡ୍ ହେଉଛି ଅତି ଉତ୍କଟ ପ୍ରଦୂଷକ। ବିଷାକ୍ତ ପଙ୍କର ବିଘଟନ ସମୟରେ ପରୋକ୍ଷ ଭାବେ ଏହାର ପ୍ରଦୂଷଣ ବ୍ୟାପିବା ଆଶଙ୍କା ଥାଏ। ତେବେ କମ୍ପାନୀ ବିକଶିତ କରିଥିବା ନୂଆ ପଦ୍ଧତି ମାଧ୍ୟମରେ ପ୍ରଦୂଷଣ ଆଶଙ୍କାକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଏ ସମ୍ପର୍କରେ ଟାଟାଷ୍ଟିଲ ବିଏସଏଲ୍ ମୁଖ୍ୟ ପରିଚାଳନା ଅଧିକାରୀ ସୁବୋଧ ପାଣ୍ଡେ କହିଛନ୍ତି,


ଟାଟାଷ୍ଟିଲ୍ ବିଏସ୍‌ଏଲ୍ ପକ୍ଷରୁ ସ୍ଥାପିତ ୟୁଭି ଅକ୍ସିଡେଶନ ପ୍ଲାଣ୍ଟ।

ଏକ୍ସିଡେଶନ ମାଧ୍ୟମରେ ସିଆନାଏଡ୍‌କୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇପାରିବ। ଅଧିଗ୍ରହଣ ପରେ ଟାଟାଷ୍ଟିଲ ବିଏସ୍‌ଏଲ୍ ଦ୍ୱାରା ପରିବେଶ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ। ଟାଟାଷ୍ଟିଲ ଗବେଷଣା ଓ ବିକାଶ ଦଳର ପରାମର୍ଶକ୍ରମେ ୟୁଭି ଅକ୍ସିଡେଶନ ପ୍ଲାଣ୍ଟ ପାଇଁ ଜରୁରୀ ୟୁଭି ରିଆକ୍ଟର, ୟୁଭି କଣ୍ଟ୍ରୋଲ ପ୍ୟାନେଲ ଭଳି ଆବଶ୍ୟକ ଉପକରଣ ଯୋଗାଡ଼ କରାଯାଇଥିଲା। କୋକ୍ ଓଭେନ, କୋଲ୍ଡ ରୋଲିଂ ମିଲ୍, ବ୍ଲାଷ୍ଟ ଫର୍ନେସ୍, ଷ୍ଟିଲ ମେଲଟିଂ ଶପ୍ ଭଳି ବିଭିନ୍ନ ୟୁନିଟ୍‌ରୁ ନିଷ୍କାସିତ ବର୍ଜ୍ୟ ଜଳର ଉପଚାର ପାଇଁ ୬ ଏଫ୍ଲୁଏଣ୍ଟେଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି) ଏବଂ ୩ ଗ୍ୟାସ୍ କ୍ଲିନିଂ ପ୍ଲାଣ୍ଟ (ସିଜିପି) ସ୍ଥାପନ ହୋଇଛି। ପ୍ଲାଣ୍ଟ ଓ ହାଉସିଂ କଲୋନୀଠାରେ ଦୈନିକ ୪ହଜାର ୯୦୦ କ୍ୟୁବିକ୍ ମିଟର ଜଳ ଉପଚାର କ୍ଷମତା ବିଶିଷ୍ଟ ୫ ବର୍ଜ୍ୟବସ୍ତୁ ଉପଚାର କାରଖାନା ସ୍ଥାପନ କରାଯାଇଛି। କମ୍ପାନୀ ଜଳ ବ୍ୟବହାର ହ୍ରାସ କରିବା ପାଇଁ ପାଣିର ପୁନଃ ବ୍ୟବହାର ମାତ୍ରା ବୃଦ୍ଧି କରିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୨ ମିଲିୟନ ଗ୍ୟାଲନ ରହିଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ୩ ମିଲିୟନ ଗ୍ୟାଲନ୍‌କୁ ବୃଦ୍ଧି ପାଇଛି। ଆବାସିକ ଟାଉନଶିପ୍ ନିକଟରେ ୪୫ ହଜାର କ୍ୟୁବିକ୍ ମିଟର କ୍ଷମତା ବିଶିଷ୍ଟ ୩ ପୃଷ୍ଠଭାଗ ଜଳପ୍ରବାହ ତଥା ଅନ୍ତସ୍ରବଣ ଜଳଭଣ୍ଡାର ପ୍ରତିଷ୍ଠା ହୋଇଛି। ଉପଚାରିତ ଜଳକୁ କାରଖାନା ପରିଚାଳନା, ଅଗ୍ନି ନିର୍ବାପନ ଏବଂ ଉଦ୍ୟାନରେ ବ୍ୟବହାର କରାଯାଉଛି। ଜଳର ୱେଟ୍ କ୍ୱେଚିଂ ବଦଳରେ ଡ୍ରାଏ କ୍ୱେଚିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କୋକ୍ ଡ୍ରାଏ କ୍ୱେଚିଂ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏହାଦ୍ୱାରା ଘଣ୍ଟାପ୍ରତି ୫୦ ହଜାର କ୍ୟୁବିକ୍ ମିଟର କ୍ଷମତା ବିଶିଷ୍ଟ ବର୍ଷାଜଳ ସଂରକ୍ଷଣ ପୋଖରୀ ପ୍ରତିଷ୍ଠା ହୋଇଛି। କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ଦ୍ୱାରା ଏକ ଜଳ ସମୀକ୍ଷା କରାଯାଇଥିଲା। ସଂସ୍ଥାର ସୁପାରିସ ଅନୁଯାୟୀ ଦୈନିକ ୨ହଜାର କ୍ୟୁବିକ୍ ମିଟର ଜଳ ସଞ୍ଚୟ କରାଯାଇପାରୁଛି। ଜଳର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଅତ୍ୟାଧୁନିକ ପରିବେଶ ପରୀକ୍ଷାଗାର ସ୍ଥାପନ କରାଯାଇଛି। ଜଳ ପରିଚାଳନା କ୍ଷେତ୍ରରେ ଏଭଳି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଆପଣାଇଥିବାରୁ ଟାଟାଷ୍ଟିଲ ବିଏସ୍‌ଏଲ୍ ପ୍ଲାଣ୍ଟକୁ ସିଆଇଆଇର ନ୍ୟାଶନାଲ ଆୱାର୍ଡ ଅଫ୍ ଏକ୍ସେଲେନ୍ସ ଇନ୍ ୱାଟର ମ୍ୟାନେଜମେଣ୍ଟ-୨୦୨୦ ପୁରସ୍କାରରେ ପୁରସ୍କୃତ କରାଯାଇଥିବା କମ୍ପାନୀ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଗଛ ପାଇଁ ଆସିଥିବା ସାର ବିକ୍ରି

- ସ୍ୱୀକାର କଲେ ଫରେଷ୍ଟ ଗାର୍ଡ
- ଅଭିଯୋଗର ତଦନ୍ତ କରାଯିବ: ରେଞ୍ଜର

**ପରଜଙ୍ଗ, ୮।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଅଁଳାକଟା ଗ୍ରାମରେ ବନୀକରଣ ଲାଗି ଯୋଗାଣ ସାର ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏକଥା ସ୍ୱୀକାର କରିବା ପରେ ବନ ବିଭାଗର ଅଡୁଆ ବଢ଼ିଛି।

ଅଭିଯୋଗ ଅନୁଯାୟୀ, ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ଭାଲୁମୁଣ୍ଡାଠାରୁ କୁମୁସୀ ଯାଏ ବନ ବିଭାଗ ପକ୍ଷରୁ ରାସ୍ତାର ଦୁଇପାର୍ଶ୍ୱରେ ଚାରା ରୋପଣ କରାଯାଇଛି। ଗଛ ଲାଗି ସରକାରୀସ୍ତରରେ ସାର ଯୋଗାଣ ହୋଇଛି। ତେବେ ଭାଲୁମୁଣ୍ଡାର କୈଳାସ ଚନ୍ଦ୍ର ବେହେରା, ସାଆନ୍ଦା ବିଟ୍‌ର ଫରେଷ୍ଟ ଗାର୍ଡ ନିରଞ୍ଜନ ନାୟକ ବସ୍ତା ପିଛା ୧,୦୦୦ ଟଙ୍କାରେ ଦୁଇବସ୍ତା ବିକ୍ରି କରିଥିବା ଅଁଳାକଟା ଗ୍ରାମର ଅର୍ଜୁନ ବେହେରା ଅଭିଯୋଗ କରିଛନ୍ତି। ଉଭୟେ ଅର୍ଜୁନଙ୍କୁ ପ୍ରବର୍ତ୍ତାଇ ବନୀକରଣ ଲାଗି ଆସିଥିବା ସାର ବିକ୍ରି କରିଥିବା ସେ କହିଛନ୍ତି। ହେଲେ ଏହା ପ୍ରଥମ ଘଟଣା ନା ଆଗରୁ ମଧ୍ୟ ଏଭଳି ସାର ବିକ୍ରି କରାଯାଇଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଦନ୍ତ କରାଗଲେ ଏହା ଜଣାପଡ଼ିବ ବୋଲି ଗ୍ରାମବାସୀ କହିଛନ୍ତି।

ଏ ନେଇ ଗାର୍ଡ ନିରଞ୍ଜନ କୁହନ୍ତି, ବନ ବିଭାଗକୁ ଯୋଗାଣ ହୋଇଥିବା ସାର କୈଳାସଙ୍କ ଘରେ ରଖାଯାଇଥିଲା। ସେଥିରୁ ଦୁଇବସ୍ତା କୈଳାସ ବିକି ଦେଇଥିବା ଜଣାପଡ଼ିଛି। ଏହା ଜଣାପଡ଼ିବା ପରେ ତାଙ୍କୁ ତାଗିଦ୍ କରାଯାଇଛି।



ବିକ୍ରି କରାଯାଇଥିବା ସାର।

ଅନ୍ୟପଟେ କୈଳାସ ନିଜକୁ ଭାଲୁମୁଣ୍ଡା ୱାଚ୍ ଟାୱାରର ୱାଚ୍‌ମ୍ୟାନ୍ ବୋଲି କହୁଛନ୍ତି। ହେଲେ ରେଞ୍ଜର ହରମୋହନ ନାୟକ ଏହାକୁ ଅସ୍ୱୀକାର କରିଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲରୁ ମୂଲ୍ୟବାନ କାଠ ଚୋରି ଅଭିଯୋଗରେ କୈଳାସ ପୂର୍ବରୁ ଜେଲ ଯାଇଛନ୍ତି। ତାଙ୍କ ଘରେ ବନ ବିଭାଗ କର୍ମଚାରୀ ସାର ରଖିବା ଏବଂ ମହଜୁଦ୍ ସାରରୁ ୨ ବସ୍ତା ଅଭିଯୁକ୍ତ ବିକ୍ରି କରିଦେବା ଚର୍ଚ୍ଚାର ବିଷୟ ହୋଇଛି।

# ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପିତ



ରାଧାଦେଇପୁର ପଞ୍ଚାୟତ ଗୃହ ଉଦ୍‌ଘାଟନ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୮।୮**

ଢେଙ୍କାନାଳ ସଦର ବ୍ଲକ ରାଧାଦେଇପୁରରେ ରବିବାର ପଞ୍ଚାୟତ ଗୃହ ଏବଂ ବଣସିଂହରେ ପଞ୍ଚାୟତ ଗୃହ ଓ ମାର୍କେଟ୍ କମ୍ପ୍ଲେକ୍ସ ଲୋକାର୍ପିତ ହୋଇଯାଇଛି। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଗ୍ରାମାଞ୍ଚଳବାସୀ ହାତପାଆନ୍ତାରେ ଅତ୍ୟାବଶ୍ୟକ ସୁବିଧା ପାଇଲେ ସହରାଭିମୁଖୀ ହେବେନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିକାଶରେ ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ। ଏମ୍‌ପି କହିଲେ, ପଞ୍ଚାୟତଗୁଡ଼ିକର ଉନ୍ନତି ହେଲେ ଗ୍ରାମାଞ୍ଚଳ ବିକାଶର ବାସ୍ତବ ଚିତ୍ର ଦେଖିବ।

କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଡିଓ ବିଭୂତି ଭୂଷଣ ନାୟକ, ବ୍ଲକ ଉପାଧ୍ୟକ୍ଷ ନରୋତ୍ତମ ସାହୁ, ବଣସିଂହ ସରପଞ୍ଚ କପିଳ ଘଡେଇ, ସମିତିସଭ୍ୟା ସେବତୀ ଭୋଇ, ରାଧାଦେଇପୁର ସରପଞ୍ଚ ଭାଗ୍ୟଧର ନାୟକ, ସମିତିସଭ୍ୟା ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଚାରା ରୋପଣ କରିଥିଲେ।

## ଗଣ୍ଡଗୋଳ ମାମଲା, ୨ ଗିରଫ

**କଣିହାଁ,୮।୮(ଡି.ଏନ୍.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ରବିବାର ୨ ଭାଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ବିଜିଗୋଳ ଗ୍ରାମର ୨ ଭାଇ ମଙ୍ଗୁଲୁ ନାଏକ ଏବଂ ମୁରଲୀ ନାଏକଙ୍କ ପରିବାର ମଧ୍ୟରେ ଜୁଲାଇ ୨୭ରେ ପାରିବାରିକ ବିବାଦ ନେଇ ମାରପିଟ୍ ହୋଇଥିଲା। ଏ ନେଇ ମଙ୍ଗୁଲୁଙ୍କ ଅଭିଯୋଗକ୍ରମେ ନଂ.୧୧୨/୨୧ ଓ ମୁରଲୀଙ୍କ ଅଭିଯୋଗକ୍ରମେ ନଂ.୧୧୩/୨୧ରେ ମାମଲା ରୁଜୁ ହୋଇଥିଲା। ରବିବାର ଉଭୟଙ୍କୁ ଗିରଫ କରାଯାଇଛି।

## ପ୍ରସବ ପରେ ପ୍ରସୂତିଙ୍କ ମୃତ୍ୟୁ

**କାମାକ୍ଷାନଗର, ୮।୮(ଡି.ଏନ୍.ଏ.)**

ଅସହ୍ୟ ଗର୍ଭକଷ୍ଟ ସହି ଜନ୍ମ ଦେଇଥିଲେ ପୁତ୍ରସନ୍ତାନ। ହେଲେ ଏହି ଖୁସିକୁ ସତେଯେମିତି ଲାଗିଗଲା ଗ୍ରହଣ। ପୁଅକୁ ଜନ୍ମ ଦେବାର ମାତ୍ର କେଇ ଘଣ୍ଟା ଭିତରେ ଆରପାରିକୁ ଚାଲିଗଲେ ମା'। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ମକୁଆକାଟେଣୀ ପଞ୍ଚାୟତ ଅନ୍ତର୍ଗତ ବାଘୁଆ ଗ୍ରାମରେ। ମୃତକ ହେଲେ ବିଜେନ୍ଦ୍ର ପଧାନଙ୍କ ସ୍ତ୍ରୀ ମମତା (୨୮)। ମେଡିକାଲ ପରିବର୍ତ୍ତେ ଘରେ ଅସୁରକ୍ଷିତ ଭାବେ ହୋଇଥିବା ପ୍ରସବ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଶନିବାର ରାତି ପ୍ରାୟ ୩ଟାରେ ମମତା ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବାପରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଚିକିତ୍ସାଳୟକୁ ନେଇ ଆସିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ମମତାଙ୍କ ଏହା ହେଉଛି ଦ୍ୱିତୀୟ ଗର୍ଭ। ଏଥିପୂର୍ବରୁ ତାଙ୍କର ଏକ ୧୮ମାସର ପୁଅ ଅଛି। ନବଜାତକର ଓଜନ ୩ କେଜି ୧୦୦ ଗ୍ରାମ ଥିବାବେଳେ ସେ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଏ ନେଇ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ କୁହନ୍ତି, ନିରାପଦ ପ୍ରସବ ଲାଗି ଗର୍ଭବତୀଙ୍କୁ ଡାକ୍ତରଖାନା ଆସିବାକୁ ସଚେତନ କରାଯାଉଛି। ହେଲେ ସମ୍ପୃକ୍ତ ମହିଳାଙ୍କ ପରିବାର ଏହା କରି ନ ଥିଲେ। ଘରେ ପ୍ରସବ ହେବା ପରେ ବିଳମ୍ବରେ ଡାକ୍ତରଖାନାକୁ ଆଣିଥିଲେ। ଅତ୍ୟଧିକ ରକ୍ତସ୍ରାବ କାରଣରୁ ତାଙ୍କ ଜୀବନରକ୍ଷା କରିବା ସମ୍ଭବ ହୋଇ ନ ଥିଲା।

# ପ୍ରଶାସନର କାମ କଲେ ଯୁବଗୋଷ୍ଠୀ

**କାମାକ୍ଷାନଗର, ୮।୮(ଡି.ଏନ୍.ଏ.)**

ପ୍ରଶାସନର କାମ। ହେଲେ ଗୁରୁତ୍ୱ ଦେଲେନି ପ୍ରଶାସନିକ ଅଧିକାରୀ। ସମସ୍ୟା ଚରମ ସୀମାରେ ପହଞ୍ଚିବା ପରେ ଏକାଠି ହେଲେ ଯୁବଗୋଷ୍ଠୀ। ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ନିର୍ମାଣ କଲେ ନୂଆ ପାଣିଟାଙ୍କି। ଏକାଠି ହେଲେ ଯେକୌଣସି କଷ୍ଟକର କାର୍ଯ୍ୟ ଅତି ସହଜରେ କରାଯାଇପାରେ ବୋଲି ପ୍ରଚଳିତ ଉକ୍ତିକୁ ବାସ୍ତବରେ କରି ଦେଖାଇଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ମୁଣ୍ଡିଦେଉଳି ଅଞ୍ଚଳର ସଚେତନ ଯୁବଗୋଷ୍ଠୀ।

**ତିଆରି ହେଲା ନୂଆ ପାଣିଟାଙ୍କି**

ସୂଚନାଯୋଗ୍ୟ, ମୁଣ୍ଡିଦେଉଳି ମେଢ଼ଘର ନିକଟରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଉକ୍ତ ଟାଙ୍କିର ଗଚ୍ଛିତ ପାଣିକୁ ପଥଚାରୀ, ବ୍ୟବସାୟୀମାନେ ବ୍ୟବହାର କରୁଥିଲେ। ହେଲେ ମରାମତି ଅଭାବରୁ ଏହାର ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ବଜାରବାସୀ ସମସ୍ୟା ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଏବଂ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ଅଞ୍ଚଳର ଯୁବକମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ନୂତନ ପାଣି ଟାଙ୍କି ନିର୍ମାଣ କରିଛନ୍ତି। ମଦନ ମୋହନ ପରିଡ଼ାଙ୍କ ନେତୃତ୍ୱରେ ଦେବେନ୍ଦ୍ର ମହାନ୍ତି, ସତ୍ୟାନନ୍ଦ ବାରିକ, ପାର୍ଥସାରଥୀ ନାୟକ, ବାପି ସାହୁ, ଆର୍ତ୍ତବନ୍ଧୁ ନାୟକ, କ୍ଷୀରୋଦ ମହାନ୍ତି, ବୁଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଯୁବଗୋଷ୍ଠୀଙ୍କ ଏଭଳି ଉଦ୍ୟମକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବାବେଳେ ପ୍ରଶାସନର ଅପାରଗତା ପଦାରେ ପଡ଼ିଛି।

ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ. ହେମନ୍ତ କୁମାର ସାହୁ କୁହନ୍ତି, ପୂର୍ବରୁ ଆସୁଥିବା ସରକାରୀ ଅନୁଦାନରେ ଛକସ୍ଥାନରେ ଏଭଳି ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ଏହାର ମରାମତି ପାଇଁ ଅନୁଦାନ ଆସିନାହିଁ।


ନୂତନ ପାଣି ଟାଙ୍କି ନିର୍ମାଣ ପାଇଁ ଆଣାଯାଇଥିବା ନନ୍ଦ।

# ବେଆଇନ ନିର୍ମାଣ ରୋକିବାକୁ ନୋଟିସ

**ଖମାର,୮।୮(ଡି.ଏନ.ଏ.)**

ପାଲଲହଡା ବ୍ଲକ ଶଙ୍ଖପୁର ପଞ୍ଚାୟତ ହାଇସ୍କୁଲ ଛକ ନିକଟରେ ଏକ ସରକାରୀ ଜମିରେ ବେଆଇନ ଘର ନିର୍ମାଣ ହେଉଥିବା ବେଳେ ତାହାକୁ ରୋକିବାକୁ ତହସିଲଦାର ସ୍ୱାଗତ ଦାସ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଜଣକ ପ୍ରଶାସନର ନିର୍ଦ୍ଦେଶ ଉଲ୍ଲଂଘନ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଛକ ନିକଟରେ ସରକାରୀ ଜମି ଥିବାରୁ ତାହାକୁ ସମ୍ପୃକ୍ତ ବ୍ୟକ୍ତି ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ପ୍ରଶାସନର ନିର୍ଦ୍ଦେଶକୁ ମଧ୍ୟ ସେ ଖାତିର କରୁନାହାନ୍ତି। ଏ ସମ୍ପର୍କରେ ତହସିଲଦାର ଦାସ କହିଛନ୍ତି, ନିର୍ମାଣ ବନ୍ଦ ନିମନ୍ତେ ନୋଟିସ ସହ ଘଟଣାସ୍ଥଳକୁ ନିଜେ ଯାଇ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଜମିରେ ନିର୍ମାଣ କାମ ହୋଇଥିଲେ ତାହାକୁ ଭଙ୍ଗାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସକ୍ରିୟ ହେବାକୁ ପରାମର୍ଶ



ବୈଠକରେ ଯୋଗଦେଇଥିବା ବିଜେଡି କାର୍ଯ୍ୟକର୍ତ୍ତାମାନେ।

**ଭୁବନ, ୮।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜି ରାଉତ କଲ୍ୟାଣ ମଣ୍ଡପରେ ରବିବାର ବ୍ଲକ ଏବଂ ଏନ୍‌ଏସି ଯୁବ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପୃଷ୍ଟି ଏଥିରେ ଅଧ୍ୟକ୍ଷତା କରି ପୌର ନିର୍ବାଚନ ପୂର୍ବରୁ ସକ୍ରିୟ ହେବାକୁ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ପର୍ଯ୍ୟବେକ୍ଷକ ପ୍ରବୋଧ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ଆଭିମୁଖ୍ୟ ବିଷୟରେ ଅବଗତ ହେବା ସହିତ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଆଗକୁ ପୌର ନିର୍ବାଚନ ଥିବାରୁ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଆବଶ୍ୟକ ରଣନୀତି ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ଲକ ଯୁବ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସୁରଜ କୁମାର ମହାପାତ୍ର, ବରିଷ୍ଠ କର୍ମକର୍ତ୍ତା ସୁଶାନ୍ତ କୁମାର ପୃଷ୍ଟି, ସନ୍ଦୀପ ପୃଷ୍ଟି, ଅକ୍ଷୟ ବାରିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

# ଅଣ୍ଡା ଧରି ଆନ୍ଦୋଳନ

- ସ୍କୁଲ ମିଶ୍ରଣକୁ ବିରୋଧ, ଏନ୍‌ଏଚ୍ ଅବରୋଧ
- ମିଶ୍ରଣ ହେବନି ବୋଲି ପ୍ରତିଶ୍ରୁତି ଦେଲେ ସିଆର୍‌ସିସି

**ପରଜଙ୍ଗ, ୮।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ମୋହନପଶି ଗ୍ରାମବାସୀ ସ୍କୁଲ ମିଶ୍ରଣକୁ ବିରୋଧ କରି ରବିବାର ୧୪୯ନଂ. ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଅଣ୍ଡା, ଚାଉଳ, ବହିବସ୍ତାନି ସହ ଜାତୀୟ ପତାକା ଧରି ଆନ୍ଦୋଳନ କରିଥିଲେ। ଫଳରେ ୨ଘଣ୍ଟା ଧରି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା।

ଅଞ୍ଚଳବାସୀଙ୍କ କହିବା କଥା, ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଯାତାୟାତରେ ଯେପରି ସମସ୍ୟା ନ ଉପୁଜେ ସେଥିଲାଗି ନିୟମ କୋହଳ କରାଯାଇଛି। ଉପସ୍ଥାନ ୨୦ରୁ କମ୍ ଥିଲେ ମଧ୍ୟ ସମ୍ପୃକ୍ତ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ମିଶ୍ରଣ ପ୍ରକ୍ରିୟାରୁ ବାଦ୍ ଦେବାକୁ କୁହାଯାଇଛି। ହେଲେ ଦୁର୍ଗମ ଅଞ୍ଚଳରେ ଥିବା ମୋହନପଶି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେନ୍ଦୁମୁଣ୍ଡା ସ୍କୁଲରେ ମିଶାଯିବା ଲାଗି ଯୋଜନା କରାଯାଉଥିବା ଅଭିଭାବକମାନେ ସୂଚନା ପାଇଥିଲେ। ଏ ନେଇ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ରବିବାର ଅଭିଭାବକ, ଛାତ୍ରୀଛାତ୍ରମାନେ ଅଭିନବ ଉପାୟରେ ଅଣ୍ଡା, ଚାଉଳ, ପାଠ୍ୟପୁସ୍ତକ, ଜାତୀୟପତାକା ଧରି ଆଖୁଆପାଳ ଛକ ନିକଟରେ ୧୪୯ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପରଜଙ୍ଗ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଦାୟିତ୍ୱରେ ଥିବା ସିଆର୍‌ସିସି ଗୋପବନ୍ଧୁ ସାହୁ ପହଞ୍ଚି ସ୍କୁଲ ମିଶ୍ରଣ କରାଯିବନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।


ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

